## ସଂକ୍ଷେପରେ

### ବିଷ ପିଇ ଛାତ୍ରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨।୩:** ବିଷ ପିଇ ଜଣେ ଯୁକ୍ତ ୩ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେ ହେଲେ ରମ୍ଭା ଥାନା ଅନ୍ତର୍ଗତ ଏଚ.ବୁରୁଡ଼ି ଗ୍ରାମର ମନୀଷା ନାହାକ (୧୮)। ମେଡିକାଲ ଫାଣ୍ଡି ପୋଲିସ ସୋମବାର ମୃତଦେହ ଜବତ କରି ନଂ.୧୦୩/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। କୌଣସି ଏକ କାରଣକୁ କେନ୍ଦ୍ରକରି ମା' ରଞ୍ଜିତା ମନୀଷାଙ୍କୁ ତାଗିଦ କରିଥିଲେ। ଏଥିରେ ସେ ମାନସିକ ଭାରସାମ୍ୟ ହରାଇ ରବିବାର ଅପରାହ୍ନ ୪ ଟାରେ ବିଷ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ହସ୍‌ପିଟାଲ ଓ ପରେ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### ୫ ମାଜିଷ୍ଟ୍ରେଟଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର ଅଫିସ,୨।୩:** ଜିଲା କୋର୍ଟ ଓ ଅନ୍ୟ କୋର୍ଟରେ ୫ ମାଜିଷ୍ଟ୍ରେଟ ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ଭାବେ ସଞ୍ଜିତ କୁମାର ବେହେରା, ଅତିରିକ୍ତ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଏସିଜେଏମ୍) ମନୋଜ କୁମାର, ମୁନିସଫ ଜିତେନ୍ଦ୍ରୀୟ ପାଣିଗ୍ରାହୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍‌ଏଫସି) ଭାବେ ଦୀପ୍ତିମୟୀ ଦାସ ଓ ପରିବହନ ମାଜିଷ୍ଟ୍ରେଟ ଭାବେ ବିଶ୍ୱଜିତ ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପରେ ନିଜ ନିଜ କୋର୍ଟର କର୍ମଚାରୀ ଏବଂ ସରକାରୀ ଓକିଲ ମନୋଜ ପାଢ଼ୀ, ସୁଦର୍ଶନ ମହାକୁଡ଼, ରାଜେନ୍ଦ୍ର ସାବତ ଓ ବୁବୁନ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ପରେ ମାଜିଷ୍ଟ୍ରେଟମାନେ ନିଜ ନିଜ କୋର୍ଟରେ ପଡିରହିଥିବା ମାମଲାଗୁଡିକର ପରିଚାଳନା କରିଥିଲେ। ସୂଚନାଯୋଗ୍ୟ, ଗତବର୍ଷ ଡିସେମ୍ବରରୁ ଏହି ପଦବୀଗୁଡିକ ଖାଲି ପଡିଥିଲା।

### ଗୋଦାମରୁ ସାମଗ୍ରୀ ଚୋରି

**ବ୍ରହ୍ମପୁର ଅଫିସ,୨।୩:** ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀ ଗ୍ରାମର ଏକ ଗୋଦାମର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ବ୍ୟବସାୟୀ ଶ୍ରୀମନ୍ତ କୁମାର ପାଣିଗ୍ରାହୀ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶ୍ରୀମନ୍ତ ଯୋଗିଆପଲ୍ଲୀରେ ବ୍ୟବସାୟ କରି ରହୁଛନ୍ତି। ଘରଠାରୁ ଅଳ୍ପ ଦୂରରେ ତାଙ୍କର ଏକ ଗୋଦାମ ରହିଛି। ଉକ୍ତ ଗୋଦାମରେ ସେ ବିଭିନ୍ନ ସାମଗ୍ରୀ ମହଜୁଦ ରଖି ବ୍ୟବସାୟ କରୁଛନ୍ତି। ରବିବାର ରାତିରେ ସେ ଗୋଦାମରେ ତାଲା ପକାଇ ଘରକୁ ଯାଇଥିଲେ। ସକାଳୁ ସେ ଗୋଦାମ ଖୋଲିବାକୁ ଆସିବା ବେଳେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ମିଳିଥିଲା। ଗୋଦାମରୁ ଦୁର୍ବୃତ୍ତମାନେ ପ୍ରାୟ ୫ ଲକ୍ଷ ଟଙ୍କାର ସାମଗ୍ରୀ ଚୋରିକରି ନେଇଥିବା ସେ ଅଭିଯୋଗ କରିଛନ୍ତି।

# ଗଞ୍ଜାମର ୭୨ କେନ୍ଦ୍ରରେ ୩୧,୪୬୨ ପରୀକ୍ଷାର୍ଥୀ

**ବ୍ରହ୍ମପୁର ଅଫିସ, ୨।୩**

**ଆଜିଠୁ ଯୁକ୍ତ ୨ ପରୀକ୍ଷା**
- ସିସିଟିଭି ନଜରରେ ସମସ୍ତ ପରୀକ୍ଷା କେନ୍ଦ୍ର
- ଜିଲାରେ ୧୬ ପରୀକ୍ଷା ପରିଚାଳନା ହବ୍

ରାଜ୍ୟରେ ମଙ୍ଗଳବାରଠାରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା । ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପରୀକ୍ଷାରେ ଗଞ୍ଜାମ ଜିଲାର କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକରେ ୭୨ପରୀକ୍ଷା କେନ୍ଦ୍ରରେ ୩୧,୪୬୨ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଚଳିତ ବର୍ଷ ପରୀକ୍ଷାକୁ ଶୃଙ୍ଖଳିତ, ସ୍ୱଚ୍ଛ, ନିରପେକ୍ଷ ଓ କପିମୁକ୍ତ ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପଦକ୍ଷେପ ନିଆଯାଇଛି। ଜିଲାର ୧୬ ପରୀକ୍ଷା ପରିଚାଳନା ହବ୍‌ରେ ୪ ରୁ ୫ ଦିନ ପୂର୍ବରୁ ପ୍ରଶ୍ନପତ୍ର ସୁରକ୍ଷିତ ଭାବେ କଡା ସୁରକ୍ଷା ମଧ୍ୟରେ ରଖାଯାଇଛି। ମଙ୍ଗଳବାର ପରୀକ୍ଷାର ୨ ଘଣ୍ଟା ପୂର୍ବରୁ ହବ୍‌ରୁ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବ ବୋଲି କୁହାଯାଇଛି ।

ସୂଚନା ପ୍ରକାରେ, ଦକ୍ଷିଣାଞ୍ଚଳ ଅଧୀନ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳ ପ୍ରମୁଖ ୮ ଜିଲାରେ ୪୫ ପରୀକ୍ଷା ପରିଚାଳନା ହବ୍ କରାଯାଇଛି । ସେଥିମଧ୍ୟରେ କେବଳ ଗଞ୍ଜାମ ଜିଲାରେ ସର୍ବାଧିକ ୧୬ ପରୀକ୍ଷା ପରିଚାଳନା ହବ୍ କରାଯାଇଥିବା ବେଳେ ବ୍ରହ୍ମପୁରରେ ୪ ହବ୍ କରାଯାଇଛି । ୮ ଜିଲାର ୧୯୮ ପରୀକ୍ଷା କେନ୍ଦ୍ରରେ କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ, ପତ୍ରବିନିମୟରେ ମୋଟ ୭୧,୭୧୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ । କେବଳ ଗଞ୍ଜାମ ଜିଲାର ୭୨ କେନ୍ଦ୍ରରେ ୩୧,୪୬୨ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । କଳାରେ ୧୮୦୯୦, ବିଜ୍ଞାନରେ ୧୦,୩୩୩, ବାଣିଜ୍ୟରେ ୨,୧୨୧, ଧନ୍ଦାମୂଳକରେ ୨୨୭, ପତ୍ରବିନିମୟରେ ୬୯୧ ଜଣ ପରୀକ୍ଷା ଦେବେ । ପରୀକ୍ଷା ପରିଚାଳନା ପାଇଁ ସମସ୍ତ ୭୨ କେନ୍ଦ୍ରକୁ ସିସିଟିଭି ନଜରରେ ରଖାଯାଇଛି। ସେହିପରି କେନ୍ଦ୍ରୀୟ, ଆଞ୍ଚଳିକସ୍ତରୀୟ ଏବଂ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଏହାବ୍ୟତୀତ ଜିଲା ପ୍ରଶାସନର କ୍ଲାସ୍ ୧ ଓ କ୍ଲାସ୍ -୨ ଅଧିକାରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରର ସୁପରଭିଜନ୍ ଦାୟିତ୍ୱ ଦିଆଯାଇଥିବା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚାଇଛନ୍ତି ।



ଜେଲ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ କରି ଗଞ୍ଜାମ ଜିଲା ବିକାଶ ମଞ୍ଚ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଜେଲ ପ୍ରଶିକ୍ଷଣ ବିଦ୍ୟାଳୟ ସ୍ଥାନାନ୍ତରକୁ ବିରୋଧ

**ବ୍ରହ୍ମପୁର ଅଫିସ,୨।୩**

- ଗଞ୍ଜାମ ଜିଲା ବିକାଶ ମଞ୍ଚର ବିକ୍ଷୋଭ
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ

ବ୍ରହ୍ମପୁରରେ ସ୍ଥାପିତ ରାଜ୍ୟର ଏକମାତ୍ର ଜେଲ ପ୍ରଶିକ୍ଷଣ ବିଦ୍ୟାଳୟ ଭୁବନେଶ୍ୱର ସ୍ଥାନାନ୍ତରକୁ ବିଭିନ୍ନ ସଂଗଠନ ପକ୍ଷରୁ ବିରୋଧ କରାଯାଇଛି । ସୋମବାର ଜେଲ ପ୍ରଶିକ୍ଷଣ ବିଦ୍ୟାଳୟର ସ୍ଥାନାନ୍ତର ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଗଞ୍ଜାମ ଜିଲା ବିକାଶ ମଞ୍ଚ ପକ୍ଷରୁ ଦକ୍ଷିଣାଞ୍ଚଳ ଆରଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏ ନେଇ ଆରଡିସିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । ୧୯୮୪ରୁ ଦୀର୍ଘ ୩୬ ବର୍ଷ ଧରି ବ୍ରହ୍ମପୁରରେ କାର୍ଯ୍ୟକ୍ଷମ ହୋଇ ଆସୁଥିବା ଏହି ବିଦ୍ୟାଳୟ ଓଡିଶା ଏକମାତ୍ର ବିଦ୍ୟାଳୟ ହୋଇଥିବା ବେଳେ ଏଠାରୁ ବର୍ତ୍ତମାନ ସୁଦ୍ଧା ୫୦ ବ୍ୟାଚରୁ ଅଧିକ ପ୍ରଶିକ୍ଷକ ପାସ୍ ଆଉଟ ହୋଇଛନ୍ତି । ସୁଦୃଢ଼ ଭିତ୍ତିଭୂମି ସତ୍ତ୍ୱେ ଏହାକୁ ଭୁବନେଶ୍ୱର ସ୍ଥାନାନ୍ତର ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି । ଅତୀତରେ ବ୍ରହ୍ମପୁରରୁ ଓଆରଟି କମ୍ପାନୀ, ଇଣ୍ଡିଆନ ଅଏଲ କର୍ପୋରେଶନ, ଓଡିଶା ରାଜ୍ୟ ଫାଇନାନ୍ସ କମ୍ପାନୀ ଭଳି ବହୁ ଅନୁଷ୍ଠାନ ବ୍ରହ୍ମପୁର ତଥା ଗଞ୍ଜାମ ଜିଲାରୁ ରାତିଅଧିଆ ଅନ୍ୟତ୍ର ସ୍ଥାନାନ୍ତର ହୋଇସାରିଛି । ଏବେ ବହୁ ପୁରାତନ ରାଜ୍ୟର ଏକମାତ୍ର ତାଲିମ ବିଦ୍ୟାଳୟକୁ ଗଞ୍ଜାମ ଜିଲାରୁ ସ୍ଥାନାନ୍ତର କରି ଶ୍ରୀହୀନ କରିବାକୁ ସରକାର ଉଦ୍ୟମ କରୁଥିବା ମଞ୍ଚ ଅଭିଯୋଗ କରିଛି । ଏହି ବିଦ୍ୟାଳୟ ସ୍ଥାନାନ୍ତର ନିଷ୍ପତ୍ତି ତଥା ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାଖାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏହାକୁ ନେଇ ଜନଆନ୍ଦୋଳନ କରାଯିବାକୁ ମଞ୍ଚ ଚେତାବନୀ ଶୁଣାଇଛି । ଏହି ସମାବେଶରେ ମଞ୍ଚ ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ସଂଯୋଜକ ଶିବ ପ୍ରସାଦ ମିଶ୍ର ଓ ସାଧାରଣ ସମ୍ପାଦକ ବାଳକୃଷ୍ଣ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଶାଶୁ ସମେତ ୪ ଜଣଙ୍କ ଆତ୍ମସମର୍ପଣ

**ବ୍ରହ୍ମପୁର ଅଫିସ,୨।୩**

**ଯୌତୁକ ନିର୍ଯାତନା ମାମଲା**

ଏକ ଯୌତୁକ ନିର୍ଯାତନା ମାମଲାରେ ଅଭିଯୁକ୍ତ ଥିବା ୪ ଜଣ ସୋମବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ସେମାନେ ହେଲେ ଅଭିଯୋଗକାରୀ ମଧୁଛନ୍ଦା ସେଠୀଙ୍କ ଶାଶୁ ପ୍ରମିଳା, ଦିଅର ସରୋଜ, ଦେଢଶାଶୁ ରଶ୍ମିତା ଓ ନଣନ୍ଦେଇ ଅହଲ୍ୟା ଚରଣ ସେଠୀ ଏସ୍‌ଡିଜେଏମ୍ ସରୋଜିନୀ ସାହୁ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ଘଟଣାରୁ ପ୍ରକାଶ, ୨୦୧୭ ଡିସେମ୍ବର ୩ରେ ମଧୁଛନ୍ଦା ଆସିକା ଥାନାରେ ତାଙ୍କୁ ଯୌତୁକ ଜନିତ ନିର୍ଯାତନା ଦିଆଯାଉଥିବା ନେଇ ସ୍ୱାମୀ ଖଦାଳଙ୍କ ସମେତ ୫ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସରକାରଙ୍କ ପକ୍ଷରୁ ଏପିପି ସୌଭାଗ୍ୟବତୀ ପଟ୍ଟନାୟକ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଦୀପ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ଆସନ୍ତା ୨୮ରେ ଓକିଲ ସଂଘ ନିର୍ବାଚନ

**ବ୍ରହ୍ମପୁର ଅଫିସ,୨।୩**

**୫, ୬ ରେ ନାମାଙ୍କନ ଦାଖଲ**

ଗଞ୍ଜାମ ଓକିଲ ସଂଘ ନିର୍ବାଚନ ଆସନ୍ତା ୨୮ ତାରିଖରେ ହେବ । ସୋମବାର ପୂର୍ବାହ୍ନ ୧୧ଟାରେ ନିର୍ବାଚନ ଅଧିକାରୀ ନୟନ ଚନ୍ଦ୍ର ମହାପାତ୍ର ନୂତନ କାର୍ଯ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଆସନ୍ତା ୫ ଓ ୬ ଦୁଇ ଦିନ ବିଭିନ୍ନ ପଦବୀ ପାଇଁ ଇଚ୍ଛୁକ ଆଇନଜୀବୀମାନେ ନାମାଙ୍କନପତ୍ର ଦାଖଲ ପାଇଁ ଧାର୍ଯ୍ୟ କରାଯାଇଛି। ସେହିଭଳି ୭ ତାରିଖରେ ନାମାଙ୍କନ ପତ୍ର ଯାଞ୍ଚ କରାଯିବ। ଆସନ୍ତା ୧୩ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ସେହିପରି ୧୪ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ । ୨୮ ରେ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ନିର୍ବାଚନ ଅଧିକାରୀ ମହାପାତ୍ର ସୂଚନା ଦେଇଛନ୍ତି। ନିର୍ବାଚନ ସକାଳ ୮ ଟାରୁ ଆରମ୍ଭ ହୋଇ ଅପରାହ୍ନ ୨ ଟା ଯାଏ ଚାଲିବ। ପରେ ଗଣନା ଆରମ୍ଭ ହୋଇ ସନ୍ଧ୍ୟା ସୁଦ୍ଧା ଫଳାଫଳ ଘୋଷଣା କରାଯିବ ବୋଲି ଜଣାପଡିଛି। ରାଜ୍ୟ ବାର କାଉନ୍‌ସିଲ ସମ୍ପାଦକ ଜେ.କେ. ସାମନ୍ତସିଂହାର ରାଜ୍ୟର ବିଭିନ୍ନ ଓକିଲ ସଂଘ ନିର୍ବାଚନ ଗୋଟିଏ ଦିନରେ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଓଡ଼ିଶା ହାଇକୋର୍ଟଙ୍କ ସମେତ ୧୧୫ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ବାର କାଉନ୍‌ସିଲ ତାଲିକାରେ ଗଞ୍ଜାମ ଓକିଲ ସଂଘରେ ୧୪୮୭ ଜଣଙ୍କ ନାମ ଥିବାବେଳେ ସେଥିରୁ କେତେକ ଆଇନଜୀବୀଙ୍କ ମୃତ୍ୟୁ ଘଟିସାରିଛି। ସେହିପରି ଅନ୍ୟ କେତେକ ଆଇନଜୀବୀ ତାଙ୍କ ନାମ ପଞ୍ଜୀକରଣ କରିନାହାନ୍ତି। ଏଣୁ ଚଳିତ ବର୍ଷ ଗଞ୍ଜାମ ଓକିଲ ସଂଘର ମୋଟ ୧୩୩୨ ସଦସ୍ୟ ଭୋଟଦାନ କରିବେ ବୋଲି ଜଣାପଡିଛି। ଏହି ଅବସରରେ ନିର୍ବାଚନ କାର୍ଯ୍ୟାଳୟରେ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ଗୌଡ଼, ସିତାଂଶୁ ପଣ୍ଡା, ଅକ୍ଷୟ ପଟ୍ଟନାୟକ, ଶିଶିର ଭୋଳ ଓ କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

### ଦ୍ୱିତୀୟ ଦିନରେ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା

**ବ୍ରହ୍ମପୁର ଅଫିସ,୨।୩**

ବ୍ରହ୍ମପୁର ସହରରେ ରବିବାରରୁ ଯାନବାହନ ଯାଞ୍ଚ କଡାକଡି କରାଯାଇଛି। ସୋମବାର ଦ୍ୱିତୀୟ ଦିନର ରାତି ୯ ଟା ସୁଦ୍ଧା ଟ୍ରାଫିକ ନିୟମ ଉଲ୍ଲଂଘନକାରିଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଧାର୍ଯ୍ୟ କରାଯାଇଛି। ବିନା ହେଲମେଟ ୧୯୧ ଜଣ, ୨ ଜଣ ମଦ୍ୟପଙ୍କ ଗାଡି ଧରାଯାଇ ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ସିଟ ବେଲ୍ଟ ବାନ୍ଧି ନ ଥିବା ୧୦, ନୋ ପାର୍କିଂ ପାଇଁ ୧୦, ଟ୍ରିପଲ ରାଇଡିଂ ୩, ମୋବାଇଲ ଫୋନ ବ୍ୟବହାର କରି ଜଣେ, ନୋ ଏଣ୍ଟ୍ରି ସମୟରେ ଟ୍ରାଫିକ ଉଲ୍ଲଂଘନ କରିଥିବା ୪, ରଙ୍ଗ ରୁଟରେ ଗାଡ଼ି ଚଳାଉଥିବା ୬ ଜଣଙ୍କ ଉପରେ ଜରିମାନା ପାଇଁ ଇ-ଚାଲାଣ ପଠାଇଥିବା ବେଳେ ୨ ଜଣ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ପାଇଁ ଆଞ୍ଚଳିକ ପରିବହନ କର୍ତ୍ତୃପକ୍ଷଙ୍କ ନିକଟରେ ଚିଠି କରାଯାଇଥିବା ଜଣାପଡିଛି ।

# ୨୫ ବର୍ଷର ଜେଲଫେରନ୍ତା ପୁଣି ଗଲେ ଜେଲ

**ବ୍ରହ୍ମପୁର ଅଫିସ,୨।୩**

**ସରପଞ୍ଚଙ୍କ ଉପରକୁ ବୋମାମାଡ ମାମଲା**

ଏକ ହତ୍ୟା ମାମଲାରେ ପ୍ରାୟ ୨୫ ବର୍ଷ ସଜା କାଟି ଫେରିଥିବା ଜଣେ ଅଭିଯୁକ୍ତଙ୍କୁ ପୁଣି ଜେଲ ଯିବାକୁ ପଡିଛି। ସେ ହେଉଛନ୍ତି ବ୍ରହ୍ମପୁର ବାଲାଜୀପଲ୍ଲୀର ଗଙ୍ଗାଧର ଦାସ। ଜଣେ ସରପଞ୍ଚଙ୍କ ଉପରକୁ ବୋମାମାଡ଼ କରିଥିବା ମାମଲାରେ ସଦର ଥାନା ପୋଲିସ ମାମଲା ନଂ. ୫୬/୨୦ରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଗଙ୍ଗାଧରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଘଟଣାରୁ ପ୍ରକାଶ, ଗତ ୨୪ ତାରିଖରେ ହୁଗୁଳାପଟ୍ଟା ସରପଞ୍ଚ ପ୍ରଦୀପ ମଲାଣଙ୍କ ଉପରକୁ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗଙ୍ଗାଧର ବୋମା ଫିଙ୍ଗିଥିଲେ। ସୌଭାଗ୍ୟବଶତଃ ପ୍ରଦୀପ ରକ୍ଷା ପାଇଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ, ୧୯୯୫ରେ ପ୍ରଦୀପଙ୍କ ଭାଇ ଅନୁପଙ୍କୁ ଅଭିଯୁକ୍ତ ଗଙ୍ଗାଧର ହତ୍ୟା କରି ଜେଲ ଯାଇଥିଲେ। ଉକ୍ତ ମାମଲାର ଶୁଣାଣି କରି ତତ୍କାଳୀନ ବିଚାରପତି ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

# ସରକାର ପ୍ରତିଷ୍ଠା କରନ୍ତୁ କୃଷିଭିତ୍ତିକ ଶିଳ୍ପ

**ବ୍ରହ୍ମପୁର ଅଫିସ,୨।୩**

**ଏଆଇୱାଇଏଫ୍ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ**
- ବେକାରଙ୍କୁ ନିଯୁକ୍ତି ପାଇଁ ସ୍ଥାପନ ହେଉ କଳ କାରଖାନା
- କେନ୍ଦ୍ର ଶାସନକୁ ଫାଶୀବାଦ କହିଲା ବାମପନ୍ଥୀ ଯୁବ ସଂଘ

ବ୍ରହ୍ମପୁରରେ ଅନୁଷ୍ଠିତ ଏଆଇୱାଇଏଫ (ଅଖିଳ ଭାରତ ଯୁବ ସଂଘ) ଓଡ଼ିଶା ରାଜ୍ୟ ଶାଖାର ୩ ଦିନିଆ ଦ୍ୱାଦଶ ସମ୍ମିଳନୀ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରକାଶମ୍ ହଲରେ ଆୟୋଜିତ ସମ୍ମିଳନୀରେ ଗୃହୀତ ପ୍ରସ୍ତାବରେ ରାଜ୍ୟରେ ସରକାର କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ମୂଲ୍ୟବାନ ପ୍ରାକୃତିକ ସମ୍ପଦର ସଦ୍‌ବିନିଯୋଗ ପାଇଁ ଅନ୍ୟାନ୍ୟ କଳକାରଖାନା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଦ୍ୱାରା ବଢ଼ି ଚାଲିଥିବା ବେକାରଙ୍କ ପାଇଁ ନିଯୁକ୍ତିର ବାଟ ଫିଟିବାର କୁହାଯାଇଛି। ଦାବି ପୂରଣ ଅବହେଳା ପ୍ରତିବାଦରେ ସିପିଆଇ ଯୁବ ଓ ଛାତ୍ର ସଂଗଠନ ଆନ୍ଦୋଳନ କରିବାର ଘୋଷଣା କରାଯାଇଛି।

ଆଗତ ରାଜନୈତିକ ପ୍ରସ୍ତାବରେ ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ କେନ୍ଦ୍ର ମୋଦି ସରକାର ଗତ ଦୁଇ ନିର୍ବାଚନରେ ଦେଇଥିବା ପ୍ରତିଶ୍ରୁତି ପୂରଣ ଏବଂ ଜନଗଣଙ୍କ ମୌଳିକ ସମସ୍ୟାର ସମାଧାନରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସମାଲୋଚନା କରାଯାଇଛି। ଗଣତନ୍ତ୍ର ଓ ସମ୍ବିଧାନ ବିରୋଧୀ ନାଗରିକତ୍ୱ ସଂଶୋଧନ ଆଇନ ଏବଂ ଏନ୍‌ଆରସି ଓ ଏନ୍‌ପିଆର ଦ୍ୱାରା ଦେଶବାସୀଙ୍କ ମଧ୍ୟରେ ବିଭେଦ କରାଯିବାର ପ୍ରୟାସ କରାଯାଇଛି। ଫଳରେ ଭାରତରେ ଥିବା ସଂଖ୍ୟାଲଘୁ ଓ ଅନ୍ୟମାନଙ୍କୁ ଅଟକ ବନ୍ଦୀ ଭଳି ରଖାଯିବ। ଏହା ଫାଶୀବାଦ ଶାସନକୁ ପ୍ରମାଣିତ କରୁଥିବା ଯୁବ ସଂଘ ସଙ୍ଗିନ ଅଭିଯୋଗ କରିଛି।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୁବ ସଂଘ ବିଦାୟୀ ରାଜ୍ୟ ସଭାପତି ସଦାନନ୍ଦ ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ପ୍ରଦୀପ ସେଠୀ ଚିଠା ପ୍ରସ୍ତାବ ଉପସ୍ଥାପିତ କରିଥିବା ବେଳେ ଏହା ଉପରେ ଅନ୍ୟମାନେ ଆଲୋଚନା ପରେ ସର୍ବସମ୍ମତ ଭାବେ ଗୃହୀତ ହୋଇଥିଲା। ଆସନ୍ତା ୧୫ ତାରିଖରୁ ୩ ଦିନ ଧରି ହାଇଦ୍ରାବାଦରେ ହେବାକୁ ଥିବା ଯୁବ ସଂଘ ସର୍ବଭାରତୀୟ ସମ୍ମିଳନୀରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବା ପାଇଁ ୩୦ ଜଣଙ୍କୁ ମନୋନୀତ କରାଯାଇଛି। ସମ୍ମିଳନୀ ସଫଳ ହୋଇଥିବାରୁ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ତଥା ଜିଲା ସିପିଆଇ ସମ୍ପାଦକ ପ୍ରକାଶ ପାତ୍ର, ପୃଷ୍ଠପୋଷକ ଗୋକୁଳ ପଣ୍ଡା ଓ ବିଦାୟୀ କର୍ମକର୍ତ୍ତାଙ୍କୁ ରାଜ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ସଂଘ ପତାକା ଅବତରଣ କରାଯାଇଥିଲା। କାମଦେବ ନାହାକ ଓ ଯୁବ ସଂଘ ଜିଲା ଶାଖା କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ନୀଳକଣ୍ଠନଗରରେ ଜାତୀୟ ବିଜ୍ଞାନ ଦିବସ

**ବ୍ରହ୍ମପୁର ଅଫିସ,୨।୩**

ଜାତୀୟ ବିଜ୍ଞାନ ଦିବସ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ପଞ୍ଚାନନ ଗୌଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ରହ୍ମପୁର ଡିଏଭି ପବ୍ଲିକ୍ ସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ଅମୃତା ପରିଛା ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ ଏସ୍.ମୋହନ ରାଓ ଏବଂ ଉମାଧବ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ପୂର୍ବରୁ ହୋଇଥିବା ତର୍କ, ଚିତ୍ରାଙ୍କନ, ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବାହାନ ମହାରଣା ଏହାକୁ ପରିଚାଳନା କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଜଟେଶ୍ୱର କର ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ବିଜ୍ଞାନ ଶିକ୍ଷକ ଶାନ୍ତନୁ କୁମାର ବେହେରା ଧନ୍ୟବାଦ ଦେଇଥିଲେ।



ମଞ୍ଚାସୀନ ଅତିଥି ।

# ପ୍ରକଳ୍ପ ଅସମ୍ପୂର୍ଣ୍ଣ, ଜଳ ଅପେକ୍ଷାରେ ବ୍ରହ୍ମପୁରବାସୀ

**ବ୍ରହ୍ମପୁର ଅଫିସ,୨।୩**

ବ୍ରହ୍ମପୁରରେ ଏଣିକି ଖରାଦିନେ ଦୂର ହେବ ପାନୀୟ ଜଳ ସଙ୍କଟ । ସହରବାସୀଙ୍କ ପ୍ରତ୍ୟେକ ଘରକୁ ହେବ ୨୪ ଘଣ୍ଟିଆ ଜଳଯୋଗାଣ ସୁବିଧା । ଏଭଳି କେତେକ ପ୍ରତିଶ୍ରୁତି ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ୨୦୧୯ ମାର୍ଚ୍ଚ ୩ରେ ସାଧାରଣ ନିର୍ବାଚନ ପୂର୍ବରୁ ଦିନିକିଆ ବ୍ରହ୍ମପୁରଗସ୍ତରେ ଆସି ଖଲ୍ଲିକୋଟ କଲେଜ ଖେଳପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ୪୩୧ କୋଟି ଟଙ୍କାରେ ନିର୍ମିତ ବୃହତ୍ତର ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଏହାକୁ ବର୍ଷେ ପୂରିବାକୁ ଯାଉଛି । କିନ୍ତୁ ଏଯାଏ ଜାନିବିଲି ପ୍ରକଳ୍ପରୁ ଜଳଯୋଗାଣ ସହରବାସୀଙ୍କ ପାଇଁ ସ୍ୱପ୍ନ ହୋଇଛି । ଚଳିତ ଖରାଦିନେ ମଧ୍ୟ ଏହି ପ୍ରକଳ୍ପରୁ ଜଳଯୋଗାଣ ହେବା ନେଇ ଆଶଙ୍କା ଦେଖା ଦେଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁର ସହରକୁ ଜାନିବିଲିରୁ ଜଳଯୋଗାଣ ଓ ଖରାଦିନେ ଦେଖା ଦେଉଥିବା ଜଳସଙ୍କଟ ଦୂର ଲକ୍ଷ୍ୟନେଇ ୨୦୧୯ ମାର୍ଚ୍ଚ ୩ରେ ବୃହତ ଜାନିବିଲି ଜଳଯୋଗାଣ ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ପର୍ଯ୍ୟାୟକ୍ରମେ ସହରର ପ୍ରତ୍ୟେକ ଘରକୁ ୨୦୧୯ ମାର୍ଚ୍ଚରୁ ଜଳଯୋଗାଣ କରାଯିବା ନେଇ ଉଦ୍‌ଘାଟନୀ ଉତ୍ସବରେ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା । ଏ ନେଇ ଏକ ସୂଚୀ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଏବେ ଏହି ଉଦ୍‌ଘାଟନକୁ ମଙ୍ଗଳବାର ବର୍ଷେ ପୂରିବାକୁ ଯାଉଛି । କିନ୍ତୁ ଏଯାଏ ବାସ୍ତବ ରୂପ ନେଇପାରିନି ପ୍ରକଳ୍ପ । ମିଳିଥିବା ସୂଚନା ପ୍ରକାରେ, ବର୍ତ୍ତମାନ ସୁଦ୍ଧା ସହରରେ ୩୧,୮୦୦ ଘର ମଧ୍ୟରୁ ୨୭୯୦୦କୁ ଜଳଯୋଗାଣ ନିମିତ୍ତ ପାଇପ୍‌ଲାଇନ୍ ଓ ମିଟର ସଂଯୋଗ କରାଯାଇଛି । ଆହୁରି ୩୯୦୦ ଘରକୁ ପାଇପ୍‌ଲାଇନ ସଂଯୋଗ କାମ ବାକି ରିହିଛି । ସେହିପରି ଜଳଯୋଗାଣ ନିମିତ୍ତ ନିର୍ମିତ ହେଉଥିବା ୧୭ ଓଭରହେଡ ଟ୍ୟାଙ୍କରୁ ବର୍ଷେ ମଧ୍ୟରେ ମାତ୍ର ୬ ଟିର କାମ ସମ୍ପୂର୍ଣ୍ଣ ହୋଇଛି । ଆହୁରି ୧୧ ଓଭରହେଡ ଟ୍ୟାଙ୍କ ନିର୍ମାଣ କାମ ବାକି ରହିଛି । ଏହାକୁ ବାଦ ଦେଇ ବର୍ତ୍ତମାନ ସହରରେ ଆହୁରି ୧୧ କି.ମି. ଅଞ୍ଚଳରେ ପାଇପ୍ ଲାଇନ ବିଛା କାମ ମଧ୍ୟ ବାକି ରହିଥିବା ନିର୍ବାହୀଯନ୍ତ୍ରୀ ସୂଚନା ଦେଇଛନ୍ତି । ଉପରୋକ୍ତ ସୂଚନାକୁ ଲକ୍ଷ୍ୟ କଲେ ଚଳିତ ବର୍ଷ ଖରାଦିନେ ମଧ୍ୟ ଏହି ପ୍ରକଳ୍ପରୁ ଜଳଯୋଗାଣ ଏକପ୍ରକାର ଅସମ୍ଭବ ମନେ ହେଉଛି। ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ସୀତାରାମ ପଣ୍ଡା ଏପ୍ରିଲରୁ ଜଳଯୋଗାଣ କରାଯିବ। ସେହିପରି ଖରାଦିନେ ସମସ୍ତ ଘରକୁ ୨୪ ଘଣ୍ଟିଆ ଜଳଯୋଗାଣ ନେଇ ସେ ଆଶା ବ୍ୟକ୍ତ କରିଛନ୍ତି। ପଣ୍ଡାଙ୍କ କହିବାନୁସାରେ, ଚଳିତ ମାସ ଶେଷ ସୁଦ୍ଧା ସହରର ବଳକା ୩୯୦୦ ଘରକୁ ପାଇପ୍‌ଲାଇନ ସହ ମିଟର ସଂଯୋଗୀକରଣ, ୩ ଓଭରହେଡ ଟ୍ୟାଙ୍କ ନିର୍ମାଣ କାମ ଶେଷ ହେବ । ଜୁଲାଇ ସୁଦ୍ଧା ଆଉ ବଳକା ୭ ଓଭରହେଡ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ସରିବ। ବର୍ତ୍ତମାନ ୧୦ ରୁ ୧୨ ଅଞ୍ଚଳରେ ଜାନିବିଲିରୁ ଜଳଯୋଗାଣ ଟ୍ରାଏଲ ରନ୍ ଶେଷ ହୋଇଛି । ଖରାଦିନେ ଜଳସଙ୍କଟକୁ ଏଡାଇବା ପାଇଁ ଏପ୍ରିଲରୁ ସବୁ ଘରକୁ ଜାନିବିଲିରୁ ଜଳ ଯୋଗାଣ କରାଯିବାକୁ ଯୋଜନା ରଖାଯାଇଥିବା ନିର୍ବାହୀଯନ୍ତ୍ରୀ ପଣ୍ଡା କହିଛନ୍ତି ।

**ଅସମ୍ପୂର୍ଣ୍ଣ ଜାନିବିଲି ପ୍ରକଳ୍ପ ଉଦ୍‌ଘାଟନକୁ ପୂରିଲା ବର୍ଷେ**



ବୈକୁଣ୍ଠନଗର ଭେଣ୍ଡିଂଜୋନ ପାର୍ଶ୍ୱରେ ନିର୍ମାଣାଧୀନ ଅବସ୍ଥାରେ ଥିବା ଓଭରହେଡ୍ ଟ୍ୟାଙ୍କ କାର୍ଯ୍ୟ ।

- ନିର୍ମାଣାଧୀନ ଅବସ୍ଥାରେ ୧୧ ଓଭରହେଡ୍ ଟ୍ୟାଙ୍କ
- ୩୯୦୦ ଘରକୁ ହୋଇନି ପାଇପ୍ ସଂଯୋଗ
- ଏପ୍ରିଲରୁ ସବୁ ଘରକୁ ଜଳଯୋଗାଣ ଯୋଜନା

## ସଂକ୍ଷେପରେ

### ଗୁଳିକାଣ୍ଡ ଘଟଣା:ଜଣେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ଦିଗପହଣ୍ଡି/ଚିକିଟି,୨।୩(ଡି.ଏନ.ଏ.)- ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ବୀରସିଂହ ଲକ୍ଷ୍ମୀନାରାୟଣପୁର ସାରୁ ସନ୍ଧିଗାଁରେ ହୀରା ପଥର ବ୍ୟବସାୟକୁ ନେଇ ଘଟିଥିବା ଗୁଳିକାଣ୍ଡ ମାମଲାରେ ସୋମବାର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ଗୋସାଇଁନୂଆଗାଁ ଥାନା ନେହେରୁ ନଗର ୪ର୍ଥ ଲାଇନର ଶ୍ୟାମ ପ୍ରଧାନ। ମାମଲା ନଂ.୧୦୮/୧୯ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ୧ ବର୍ଷ ପୂର୍ବେ ଉକ୍ତ ଗ୍ରାମର ସୁବାସ ଚନ୍ଦ୍ର ପଣ୍ଡାଙ୍କୁ ନଦୀ ପଠାରୁ କିଛି ହୀରା ପଥର ମିଳିଥିଲା। ଗତ ଜୁନ ୬ ତାରିଖରେ ସୁବାସଙ୍କଠାରୁ ହୀରା କିଣିବା ବାହାନାରେ ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ଗାଁ ଶେଷ ମୁଣ୍ଡରେ ଥିବା ସାରୁ ବାଡ ନିକଟରେ ତାଙ୍କୁ ଗୁଳିମାଡ଼ କରିଥିଲେ। ପରେ ହୀରା ପଥର ଥିବା ମୁଣିକୁ ଛଡାଇ ଚମ୍ପଟ ମାରିଥିଲେ। ଏହି ମାମଲାରେ ପୂର୍ବରୁ ପାତ୍ରପୁରର ଏ.ସନ୍ତୋଷ ପାତ୍ର, ଜରଡ଼ାର ମାଧବ ପାଣିଗ୍ରାହୀ, ବ୍ରହ୍ମପୁରର କେ.ପ୍ରଦୀପ କୁମାର ସୁବୁଦ୍ଧି, ହିମାଂଶୁ କୁମାର ସାହୁଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା।

# ମିଳିତ ଅଭିଯୋଗ ଶୁଣାଣିରେ ଅବ୍ୟବସ୍ଥା

**ଛତ୍ରପୁର,୨।୩(ଡି.ଏନ.ଏ.)**

ମାସର ପ୍ରଥମ ସୋମବାର ଛତ୍ରପୁରଠାରେ ଜିଲାପାଳ ଓ ଗଞ୍ଜାମ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି । କେବଳ ଛତ୍ରପୁର ସବଡିଭିଜନ ନୁହେଁ ଜିଲାର ସମସ୍ତ ଅଞ୍ଚଳରୁ ଲୋକେ ଏହି ଶିବିରକୁ ଆସି ନିଜ ନିଜ ସମସ୍ୟା ଜଣାଇଥାନ୍ତି। ଡିଆରଡିଏର ପୁରାତନ ସମ୍ମିଳନୀ ଗୃହ ଉନ୍ନତୀକରଣ କରାଯାଇ ଗତ ୨ ଥର ହେଲା ସେଠାରେ ଅଭିଯୋଗ ଶୁଣାଣି ଶିବିର ହେଉଛି। ତେବେ ପୂର୍ବଭଳି ଏଠାକୁ ଆସୁଥିବା ଲୋକଙ୍କୁ ଡିଆରଡିଏ ସମ୍ମିଳନୀ ଗୃହରେ ବସିବାକୁ ଦିଆଯାଉନି। ଫଳରେ ସୋମବାର ଅଭିଯୋଗ ଶୁଣାଣିକୁ ଆସିଥିବା ଲୋକେ ବାହାରେ ଖରାରେ ଦୀର୍ଘ ସମୟ ଧରି ଧାଡ଼ିରେ ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ପରେ ଡିଆରଡିଏର ସମ୍ମିଳନୀ ଗୃହକୁ ଶତାଧିକ ଲୋକେ ପ୍ରବେଶ କରିଥିଲେ । ନିଜ ନିଜ ଅଭିଯୋଗପତ୍ର ଓ ସ୍ମାରକପତ୍ର ଦେବାକୁ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା । ପରେ ପୋଲିସ ପହଞ୍ଚି ଲୋକଙ୍କୁ ଧାଡିରେ ଭିତରକୁ ଛାଡିଥିଲା। ଭିତରେ ମଧ୍ୟ ସେଭଳି ଠେଲାପେଲା ହୋଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଜିଲାପାଳ ଏକ ସରକାରୀ ବୈଠକରେ ଯୋଗଦେବାକୁ ଭୁବନେଶ୍ୱର ଯାଇଥିବାବେଳେ ଏସ୍‌ପି ଅନ୍ୟ କାମରେ ବ୍ୟସ୍ତ ଥିବାରୁ ଅଭିଯୋଗ ଶୁଣାଣିରେ ଅନୁପସ୍ଥିତ ରହିଥିଲେ । ତେଣୁ ଅତିରିକ୍ତ ଜିଲାପାଳ, ଛତ୍ରପୁର ଉପଜିଲାପାଳ ଅଭିଯୋଗ ଶୁଣାଣି କରିଥିଲେ । ଶିବିରକୁ ମୋଟ ୨୨୦ ଅଭିଯୋଗ ଆସିଥିଲା । ସେଥିମଧ୍ୟରେ ୨୦୮ଟି ବ୍ୟକ୍ତିଗତ ଓ ୧୨ ସାମୂହିକ ଅଭିଯୋଗ ଥିଲା। ସେଥିମଧ୍ୟରୁ ମାତ୍ର ୨୩ଟିର ତୁରନ୍ତ ସମାଧାନ ହୋଇଛି। ଅନ୍ୟ ଅଭିଯୋଗଗୁଡିକ ଉପରେ ପଦକ୍ଷେପ ନେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ଗଞ୍ଜାମ ଏସ୍‌ପିଙ୍କୁ ପଠାଯିବ ବୋଲି ଜଣାପଡିଛି। ଶିବିରରେ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୨ ଜଣଙ୍କୁ ୨୫ ହଜାର ଟଙ୍କା ଏବଂ ରେଡକ୍ରସ୍‌ରୁ ୩ ଜଣଙ୍କୁ ୧୮ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।



ଅଭିଯୋଗପତ୍ର ଦେବାପାଇଁ ଲୋକେ ଠେଲାପେଲା ହେଉଛନ୍ତି।

# ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ଦିଗପହଣ୍ଡି,୨।୩(ଡି.ଏନ.ଏ.)**

ଦିଗପହଣ୍ଡି ଥାନା ରାଜପୁର ରୋଡରେ ସୋମବାର ଜଣେ ସାଇକେଲ ଆରୋହୀଙ୍କଠାରୁ ୨ ଜଣ ଦୁର୍ବୃତ୍ତ ୫ ଭରି ଓଜନର ସୁନା ଅଳଙ୍କାର ମୁଣିକୁ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଛନ୍ତି ଦିଗପହଣ୍ଡି ବ୍ଲକ ଆଙ୍କୋରଡା ପଞ୍ଚାୟତ ରାଜପୁର ଗ୍ରାମର ସୁଦର୍ଶନ ବିଷୋୟୀ। ପ୍ରକାଶ ଯେ, ସୁଦର୍ଶନ ଦିଗପହଣ୍ଡି କାନାରା ବ୍ୟାଙ୍କ ଶାଖାରେ ବନ୍ଧକ ରଖିଥିବା ସୁନା ଅଳଙ୍କାର ଗୁଡିକୁ ମୁକୁଳାଇ ଅପରାହ୍ନରେ ରାଜପୁର ଗ୍ରାମସ୍ଥିତ ଘରକୁ ଫେରୁଥିଲେ। ଦୁର୍ବୃତ୍ତମାନେ କୌଣସି ସୂତ୍ରରୁ ଏହା ଜାଣିପାରି ତାଙ୍କୁ ଏକ ବାଇକ୍‌ରେ ପିଛା କରିଥିଲେ। ପରେ ରାଜପୁର ଗ୍ରାମ ମୁଖ୍ୟ ରାସ୍ତାର ନିଛାଟିଆ ସ୍ଥାନ ଦେଖି ସୁଦର୍ଶନଙ୍କୁ ଅଟକାଇଥିଲେ। ଜଣେ ଦୁର୍ବୃତ୍ତ ବାଇକ୍‌ରୁ ଓହ୍ଲାଇ ପ୍ରଥମେ ସୁଦର୍ଶନଙ୍କୁ ଗଳାଧକ୍କା ମାରିଥିଲେ। ସେ ତଳେ ପଡିଯିବା ପରେ ଦୁର୍ବୃତ୍ତ ଦ୍ୱୟ ସୁନା ମୁଣି ଛଡାଇ ନେଇ ଦିଗପହଣ୍ଡି ଅଭିମୁଖେ ଚମ୍ପଟ ମାରିଥିଲେ। ସୁଦର୍ଶନ ଏ ନେଇ ଦିଗପହଣ୍ଡି ଥାନାରେ ଏତଲା ଦେଇଥିବା ବେଳେ ଦୁର୍ବୃତ୍ତମାନେ ହେଲ୍‌ମେଟ ପିନ୍ଧିଥିବା ସେ ପୋଲିସକୁ କହିଛନ୍ତି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ଘଣ୍ଟ ପିଟି ସମସ୍ୟା ସମାଧାନ ଦାବି

## ମାନବ ଅଧିକାର ସୁରକ୍ଷା ମଞ୍ଚର ସ୍ମାରକପତ୍ର ପ୍ରଦାନ




ଘଣ୍ଟ ପିଟି ଦାବି ଉପସ୍ଥାପନ କରାଯାଉଛି ।

**ଛତ୍ରପୁର,୨।୩(ଡି.ଏନ.ଏ.)**

ଛତ୍ରପୁରର ବିଭିନ୍ନ ସମସ୍ୟା ନେଇ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ସୋମବାର ଘଣ୍ଟ ପିଟି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ ପ୍ରଗତିଶୀଳ ଓ ଗଣତାନ୍ତ୍ରିକ ସଙ୍ଗଠନ ମିଳିତ ମଞ୍ଚର ସଦସ୍ୟମାନେ ଏଥିରେ ସାମିଲ ହୋଇ ରାଲିରେ ସ୍ଥାନୀୟ ଡିଆରଡିଏ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ । ସେଠାରେ ନାରାବାଜି କରାଯାଇଥିଲା । ପରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଛତ୍ରପୁର ହସ୍ପିଟାଲର ଡାକ୍ତର ପଦବୀ ପୂରଣ, ନିରାମୟ ଔଷଧ, ଖାଦ୍ୟ, ରୋଗୀ ସମ୍ପର୍କୀୟଙ୍କ ପାଇଁ ଆଶ୍ରୟସ୍ଥଳୀ, କିଡ୍‌ନୀ ରୋଗୀଙ୍କ ପାଇଁ ଡାଏଲ୍‌ସିସ୍ ୟୁନିଟ୍ ସ୍ଥାପନ, ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ତୁରନ୍ତ ଖୋଲିବା, ତାମ୍ପରାର ପୁନରୁଦ୍ଧାର, ଆଇଆରଇର ମୋନାଜାଇଟ୍ ପ୍ଲାଣ୍ଟ ବନ୍ଦ କରିବା ସହ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଆଦି ଦାବି ଉଲ୍ଲେଖ କରାଯାଇଛି। ସେହିପରି ଆର୍ଯ୍ୟପଲ୍ଲୀ ପଞ୍ଚାୟତର କତ୍ତୁରୁଠାରେ ଦିଆଯାଇଥିବା ୫୦୦ ଘରର ପଟ୍ଟା ପ୍ରଦାନ ଓ ଋଷିକୁଲ୍ୟାରୁ ଜଳ ଯୋଗାଣ, ପ୍ରସ୍ତାବିତ ମତ୍ସ୍ୟ ଜେଟି ନିର୍ମାଣ କରିବାକୁ ଦାବି କରାଯାଇଛି।

# ଘର ସାମ୍ନାରେ ୧୧ କେଭି ବିଦ୍ୟୁତ୍ ତାର

**କନିଷି,୨।୩(ଡି.ଏନ.ଏ.)**

କିଛିଦିନ ତଳେ ଗୋଳନ୍ଥରା ଥାନା ମେଣ୍ଟରାଜପୁର ଗ୍ରାମରେ ବିଦ୍ୟୁତ୍ ଦୁର୍ଘଟଣାରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ରାଜ୍ୟ ସରକାର ବିଦ୍ୟୁତ୍ ଭିତ୍ତିଭୂମିକୁ ସଜାଡ଼ିବା ପାଇଁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ରଙ୍ଗେଇଲୁଣ୍ଡା ବ୍ଲକ କନିଷି ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।



ଘର ସମ୍ମୁଖ ଦେଇ ଯାଇଥିବା ବିଦ୍ୟୁତ ତାର।

କନିଷି ପଞ୍ଚାୟତ ବିଦ୍ୟୁତ୍ ନଗରରେ ରହୁଥିବା ପୁରୁଷୋତ୍ତମ ନାୟକଙ୍କ ଘର ସମ୍ମୁଖ ଏକ ମିଟର ଦୂରରେ ଯାଇଛି ୧୧ କେଭି ତାର। ସେହି ରାସ୍ତା ମଝିରେ ରହିଛି ବିଦ୍ୟୁତ୍ ଖୁଣ୍ଟ। ଏଥିପାଇଁ ପୁରୁଷୋତ୍ତମଙ୍କ ପରିବାର ଭୟ କରୁଥିବା ବେଳେ ସେହି ରାସ୍ତା ଦେଇ ଛାତ୍ରୀଛାତ୍ର ଓ ଗ୍ରାମବାସୀଙ୍କୁ ଯାତାୟାତରେ ଅସୁବିଧା ହେଉଛି। ଏ ନେଇ ସାହିବାସି କନିଷି ହାଟ ବିଦ୍ୟୁତ୍ ବିଭାଗ, ଜେଇ, ଏସ୍‌ଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ସେହିପରି ରଙ୍ଗେଇଲୁଣ୍ଡା ବ୍ଲକ ଅଫିସ ନିକଟ ରାସ୍ତା କଡ଼ରେ ବିଦ୍ୟୁତ୍ ଖୁଣ୍ଟରୁ ତାର ଅଳ୍ପ ଦୂରରେ ଝୁଲୁଛି। ଏ ନେଇ ଗ୍ରାମବାସୀ ଅଭିଯୋଗ କଲେ ସୁଦ୍ଧା ବିଦ୍ୟୁତ୍ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ତେଣୁ କେତେବେଳେ ଦୁର୍ଘଟଣା ଘଟିବ ତାହା କହି ହେବ ନାହିଁ। ତେବେ ତୁରନ୍ତ ବିଦ୍ୟୁତ୍ ତାର ସଜାଡ଼ିବା ପାଇଁ ସାହିବାସିନ୍ଦା ଦାବି କରିଛନ୍ତି।

## ମଲ୍ଲିଝର ପାହାଡ଼ରେ ହାତୀପଲ

**ଶେରଗଡ଼,୨।୩(ଡି.ଏନ.ଏ.)**

ଶେରଗଡ଼ ବ୍ଲକ ଷଡ଼ଙ୍ଗୀପଲି ଗ୍ରାମ ମଲ୍ଲିଝର ପାହାଡ଼ରେ ଗତ ଦୁଇ ଦିନ ହେଲା ଏକ ହାତୀପଲ ରହିଛନ୍ତି। ଉକ୍ତ ପଲରେ ଥିବା ୧୨ ହାତୀ ରାତି ହେଲେ ଷଡ଼ଙ୍ଗୀପଲି, ପରମାନନ୍ଦପୁର, ମଛାକୋଟ, ରକ୍ତପଟା, ବରିକୋଟ ଆଦି ଗ୍ରାମରେ ପଶି ଧାନଗଦା ନଷ୍ଟ କରୁଛନ୍ତି। ହାତୀପଲକୁ ଘଉଡାଇବା ଲାଗି ବନ ବିଭାଗ ପକ୍ଷରୁ ରାତି ସାରା ପାଟ୍ରୋଲିଂ କରାଯାଉଛି। ଶୀଘ୍ର ହାତୀପଲକୁ ଘଉଡ଼ାଇବା ବ୍ୟବସ୍ଥା କରାଯିବ ବୋଲି ସୂଚନା ଦିଆଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ